**OFFICE OF THE ROURKELA MUNICIPAL CORPORATION**
**UDIT NAGAR, ROURKELA – 12**
E-Mail – rourkelamunicipality@gmail.com Website – www.rmc.nic.in
Contact – 0661 - 2500388

No. ୪୮୯ Date. 22.1.21

# ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ରାଉରକେଲା ମହାନଗର ନିଗମ ଅଞ୍ଚଳରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ରାଉରକେଲା ମହାନଗର ନିଗମ ପକ୍ଷରୁ ପ୍ରତିଦିନ ଘରୁ ତଥା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କରୁ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଅଛି। ଭାରତ ସରକାରଙ୍କ ଦ୍ୱାରା ଜାରି ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ଏବଂ ରାଉରକେଲା ମହାନଗର ନିଗମ ପକ୍ଷରୁ ପ୍ରକାଶିତ ବର୍ଜ୍ୟବସ୍ତୁ ପରିଚାଳନା ବାଇ-ଲ – 2017 ଅନୁସାରେ ଘରୁ ତଥା ଅନ୍ୟାନ୍ୟ ପ୍ରତିଷ୍ଠାନ ମାନଙ୍କରୁ ଅଲଗା ଅଲଗା କରି (ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ) ଆବର୍ଜନା ସଂଗ୍ରହ ଲାଗି ଧାର୍ଯ୍ୟ ଦେୟ ପ୍ରଦାନ କରିବାକୁ ପଡିବ। ବସ୍ତି ଅଞ୍ଚଳରେ ଥିବା ଘରୁ ପ୍ରତିମାସରେ 30 ଟଙ୍କା, ବସ୍ତି ଅଞ୍ଚଳକୁ ବାଦ ଦେଇ ଅନ୍ୟ ଅଞ୍ଚଳରେ ଥିବା ଘରୁ 60 ଟଙ୍କା ଏବଂ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କରୁ 60 ଟଙ୍କା ମାସିକ ଦେୟ ଆଦାୟ କରିବା ଲାଗି ଧାର୍ଯ୍ୟ କରାଯାଇଅଛି। ଏହାର ଅବମାନନା କଲେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଆବର୍ଜନା ପକାଇଲେ ଉକ୍ତ ବ୍ୟକ୍ତିଙ୍କୁ ଜୋରିମାନା ଦେବାକୁ ପଡିବ।

ଏଣୁ ଆପଣମାନେ ଦୟାକରି ପ୍ରତିଦିନ ନିଜ ଘରର କିମ୍ବା ପ୍ରତିଷ୍ଠାନର ବର୍ଜ୍ୟବସ୍ତୁ ସଂଗ୍ରହ ନିମନ୍ତେ ମହାନଗର ନିଗମକୁ ଏହି ଦେୟ ପ୍ରଦାନ କରନ୍ତୁ। ପ୍ରତି ମାସରେ ଆପଣଙ୍କ ଅଞ୍ଚଳର ସାନିଟେସନ ସୁପରଭାଇଜର, ସ୍ୱଚ୍ଛ ସାଥୀ ତଥା ସୁପରଭାଇଜର ମାନେ ଆପଣଙ୍କ ଠାରୁ ଏହି ଦେୟ ସଂଗ୍ରହ କରିବେ। ଅନ୍ୟାନ୍ୟ ବୃହତ ଅନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ବା ବହୁଳ ବର୍ଜ୍ୟବସ୍ତୁ ଉତ୍ପାଦକଙ୍କ ଆବର୍ଜନା ସଂଗ୍ରହ ଲାଗି ମହାନଗର ନିଗମ ପକ୍ଷରୁ ବିଭିନ୍ନ ହାରରେ ଦେୟ ଧାର୍ଯ୍ୟ କରାଯାଇଅଛି ଏବଂ ଏ ସଂପର୍କରେ ସେମାନଙ୍କୁ ବ୍ୟକ୍ତିଗତ ନୋଟିସ୍ ପ୍ରଦାନ ପୂର୍ବକ ଏହି ଦେୟ ଆଦାୟ କରାଯିବ।

ନିବେଦକ

ଆୟୁକ୍ତ, ରାଉରକେଲା ମହାନଗର ନିଗମ